## ସଂକ୍ଷେପରେ

### ଅଣ ଆପରାଧିକ ସତ୍ୟପାଠ ବନ୍ଦ ପାଇଁ ଦାବି

ବ୍ରହ୍ମପୁର ଅଫିସ,୨୧।୮: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ସମୟରେ ଛାତ୍ରୀଛାତ୍ରମାନେ ପ୍ରଦାନ କରୁଥିବା ଅଣ ଆପରାଧିକ ସତ୍ୟପାଠ ବନ୍ଦ କରିବାକୁ ଦାବି ହୋଇଛି । ଏ ନେଇ ଛାତ୍ରୀଛାତ୍ରମାନେ ବୁଧବାର ସ୍ନାତକୋତ୍ତର ଅଧକ୍ଷା ପ୍ରଫେସର ଅରୁନ୍ଧତୀ ରଥଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି । ୟୁଜିସିର ଗାଇଡ୍‌ଲାଇନ ଅନୁସାରେ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବାକୁ ଛାତ୍ରୀଛାତ୍ରଙ୍କୁ ଆଣ୍ଟି ର୍‌ୟାଗିଂ ଆଫିଡେଭିଟ୍ ପାଇଁ ଆଫିଡେଭିଟ୍ ପ୍ରଦାନ କରିବାର ନିୟମ ରହିଛି । କିନ୍ତୁ ଅଣ ଆପରାଧିକ ସତ୍ୟପାଠ ଦାଖଲ କରିବାକୁ ନେଇ କୌଣସି ନିୟମ ନ ଥିବା ସେମାନେ କହିଛନ୍ତି । କୌଣସି ବିଶ୍ୱବିଦ୍ୟାଳୟରେ ଏଭଳି ବ୍ୟବସ୍ଥା ପ୍ରଚଳିତ ନାହିଁ । ତେଣୁ ଏହାକୁ ଚଳିତ ଶିକ୍ଷାବର୍ଷରୁ ହଟାଇବାକୁ ସେମାନେ ଦାବି କରିଛନ୍ତି । ଏଥିସହ ହଷ୍ଟେଲ ପରିସର ସଫା କରିବା ଓ ରହିଥିବା ଅନ୍ୟାନ୍ୟ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବିପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି । ତେବେ ଚଳିତ ବର୍ଷ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଆସନ୍ତା ବର୍ଷଠାରୁ ଏହାକୁ ଅଣ ଆପରାଧିକ ସତ୍ୟାପାଠ ଦାଖଲ ବନ୍ଦ ଦିଗରେ ପଦକ୍ଷେପ ନିଆଯିବ । ହଷ୍ଟେଲ ସମସ୍ୟାର ସମାଧାନ ଦିଗରେ ମଧ ତୁରନ୍ତ ପଦକ୍ଷେପ ନିଆଯିବା ନେଇ ଅଧକ୍ଷା ପ୍ରଫେସର ରଥ ପ୍ରତିଶ୍ରୁତି ଦେଇଥିବା ଛାତ୍ରୀଛାତ୍ରମାନେ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷରେ ଅଧ୍ୟୟନରତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

### ଆନ୍ଧ୍ର ମାଲିକଙ୍କ ବେଆଇନ ଇଟାଭାଟି ସିଲ୍

ଦିଗପହଣ୍ଡି,୨୧।୮(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ଅଞ୍ଚଳରେ ଆନ୍ଧ୍ର ମାଲିକ ଚଳାଉଛନ୍ତି ବେଆଇନ ଇଟାଭାଟି। ଦୀର୍ଘବର୍ଷ ହେଲା ଏହି ତହସିଲର ଜକର ରାଜସ୍ୱ ସର୍କଲ ଅଧୀନ ଡାବରାସିଙ୍ଗି ମୌଜାରେ ଥିବା ଏକାଧିକ ଚିମିନି ଇଟାଭାଟିରେ ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ସଦଳବଳ ଚଢ଼ାଉ କରି ସିଲ୍ କରିବା ସହ ନାଲି ପତାକା ପୋତିଛନ୍ତି। ୨୦ ବର୍ଷ ହେଲା ଆନ୍ଧ୍ର ଅଞ୍ଚଳର ମାଫିଆମାନେ ଏଠାରେ ବେଆଇନ ଇଟା ବ୍ୟବସାୟ ଚଳାଇଥିଲେ। ଏବେ ପ୍ରଶାସନର ନିଦ ଭାଙ୍ଗିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ୨୦୦୫ ଡିସେମ୍ବର ୬ରେ ସର୍କୁଲାର ନଂ.୨୦୯୪୯ ଅନୁଯାୟୀ ରାଜସ୍ୱ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ପରିବେଶ କର୍ମୀ କୁରେଶୁ ମହାରଣା ଅଭିଯୋଗ କରିଛନ୍ତି। ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ୨୦୧୩ ଜୁନ୍ ୨୫ରେ ପତ୍ର ସଂଖ୍ୟା ୨୪୩୧୦ ଅନୁଯାୟୀ ବେଆଇନ ଇଟାଭାଟି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶନାମା ରହିଥିଲେ ସୁଦ୍ଧା ତାହାକୁ କାର୍ଯ୍ୟକାରୀ କରାଯାଇନଥିବା ସେ ଦର୍ଶାଇଛନ୍ତି ।

## ■ଅଶାନ୍ତ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ
# ହଷ୍ଟେଲ ସମସ୍ୟା ନେଇ ଆନ୍ଦୋଳନକୁ ଓହ୍ଲାଇଲେ ଛାତ୍ରୀ

- ■ବହିଷ୍କାର ଭୟରେ ମୁହଁରେ କପଡ଼ାବାନ୍ଧି ଦେଲେ ଧାରଣା
- ■ବନ୍ଦକଲେ ପ୍ରଶାସନିକ କାର୍ଯ୍ୟାଳୟ ଫାଟକ
- ■ବାହାରେ ଅଟକି ରହିଲେ ଅଧାପିକା, ଅଧାପକ

ବ୍ରହ୍ମପୁର ଅଫିସ,୨୧।୮

ବ୍ରହ୍ମପୁର ଉପକଣ୍ଠ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜରେ ପୁଣି ଛାତ୍ର ଅଶାନ୍ତି ଦେଖାଦେଇଛି । କିଛିଦିନ ପୂର୍ବେ ଛାତ୍ରାବାସ ସମସ୍ୟା ସମାଧାନ ଦାବିନେଇ ଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । ବୁଧବାର ଛାତ୍ରୀନିବାସର ବିଭିନ୍ନ ସମସ୍ୟା ସମାଧାନ ଦାବି କରି ଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ବହିଷ୍କାର ଭୟରେ ମୁହଁରେ କପଡାବାନ୍ଧି ଶତାଧିକ ଛାତ୍ରୀ କଲେଜ ପ୍ରଶାସନିକ ଭବନ ଆଗରେ ଧାରଣା ଦେଇଥିଲେ । ଦୀର୍ଘ ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଛାତ୍ରୀଙ୍କ ଆନ୍ଦୋଳନ ପରେ ଅଧକ୍ଷ ଡ. ରଞ୍ଜନ କୁମାର ସ୍ୱାଇଁ ପହଞ୍ଚି ସମସ୍ୟା ସମାଧାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ପରେ ଛାତ୍ରୀମାନେ ଆନ୍ଦୋଳନରୁ ହଟିଥିଲେ ।



ଛାତ୍ରୀମାନେ ପ୍ରଶାସନିକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି ।

ବ୍ରହ୍ମପୁର ଉପକଣ୍ଠ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମୌଳିକ ସମସ୍ୟା ସମାଧାନ ଦିଗରେ କର୍ତ୍ତୃପକ୍ଷଙ୍କ ଅବହେଳା ଏବେ ପଦାକୁ ଆସିଛି । ୧୫ ଦିନ ମଧ୍ୟରେ ହଷ୍ଟେଲ ସମସ୍ୟାକୁ ନେଇ ଦୁଇ ଦୁଇଥର ଛାତ୍ର ଆନ୍ଦୋଳନରୁ ଏହା ସ୍ପଷ୍ଟ ହୋଇଛି । ପୂର୍ବରୁ ଅଗଷ୍ଟ ୬ରେ ଛାତ୍ରାବାସ-୧ରେ ରନ୍ଧନ ଗ୍ୟାସ ପାଇପ୍ ଫାଟି ୩ ଛାତ୍ର ଓ ରୋଷେୟା ଆହତ ହୋଇଥିଲେ । ଏହି ଘଟଣାକୁ କେନ୍ଦ୍ରକରି ଛାତ୍ରମାନେ ଅଗଷ୍ଟ ୭ରେ କଲେଜ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ । ଏହାର ୧୫ ଦିନ ନ ପୂରୁଣୁ ପୁଣି ଛାତ୍ରୀନିବାସର ସମସ୍ୟା ନେଇ ଶତାଧିକ ଛାତ୍ରୀ ବୁଧବାର ଆନ୍ଦୋଳନକୁ ଓହ୍ଲାଇଥିଲେ । ଦୀର୍ଘ ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟଧରି ଛାତ୍ରୀମାନେ ପ୍ରଶାସନିକ କାର୍ଯ୍ୟାଳୟ ଫାଟକକୁ ବନ୍ଦ କରି ଧାରଣା ଦେଇଥିଲେ । ଫଳରେ ଦୀର୍ଘ ଘଣ୍ଟା ଧରି ଅଧାପିକା ଅଧାପକ ଓ କର୍ମଚାରୀ କାର୍ଯ୍ୟାଳୟ ଫାଟକ ନିକଟରେ ଅଟକି ରହିଥିଲେ ।

ଛାତ୍ରୀଙ୍କ କହିବା ପ୍ରକାରେ, ଛାତ୍ରୀନିବାସରେ ଦୀର୍ଘ ଦିନରୁ ବିଭିନ୍ନ ସମସ୍ୟା ଲାଗି ରହିଛି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କର୍ତ୍ତୃପକ୍ଷ ସମସ୍ୟା ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏକମାସ ଧରି ହଷ୍ଟେଲକୁ ପାନୀୟ ଜଳ ଯୋଗାଣ ପ୍ରଭାବିତ ହୋଇଛି । ବହୁ ସମୟରେ ଅନ୍ତେବାସୀମାନେ ରୋଗର ଶିକାର ହେଉଛନ୍ତି। ରୋଷେଇ ଘରେ ସ୍ୱାସ୍ଥ୍ୟକର ପରିବେଶ ଓ ସୁରକ୍ଷା ନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଛାତ୍ରୀନିବାସ ମେସରେ ବ୍ୟବହୃତ ପ୍ରେସର କୁକର ବଦଳାଇବାକୁ ବାରମ୍ବାର କୁହାଯାଇ ଥିଲେ ମଧ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ ୪ ରୁ ୫ ଦିନ ପୂର୍ବେ ପ୍ରେସରକୁକର ଫାଟି ରୋଷେୟା ଆହତ ହୋଇଛନ୍ତି। ହଷ୍ଟେଲରେ ଅସ୍ୱାସ୍ଥ୍ୟକର ଖାଦ୍ୟ ମିଳିବାକୁ ନେଇ ବହୁବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସେମାନେ ଅଭିଯୋଗ କରିଥିଲେ। ଏହା ବ୍ୟତୀତ କଲେଜରେ ଭଲ କ୍ୟାମ୍ପସ ଆସୁ ନ ଥିବାରୁ ପ୍ଲେସମେଣ୍ଟ ମଧ ହେଉ ନାହିଁ। ନାମଲେଖା ସମୟରେ ଇଣ୍ଟର୍ନଶିପ୍ ଓ ଷ୍ଟଡିଟୁର ବାବଦକୁ ଟଙ୍କା ନେଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ନିଜ ହାତରୁ ଖର୍ଚ୍ଚ କରି ଷ୍ଟଡିଟୁର, ଇଣ୍ଟର୍ନସିପ୍‌ରେ ଯିବାକୁ ପଡୁଥିବା କେତେଜଣ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ନାମଲେଖା ସମୟରେ ନିଆଯାଉଥିବା ଇଣ୍ଟର୍ଣ୍ଣସିପ୍, ଷ୍ଟଡିଟୁର ବାବଦକୁ ଅର୍ଥ ଫେରାଇବା ସହ ହଷ୍ଟେଲର ସମସ୍ୟା ତୁରନ୍ତ ସମାଧାନ କରିବାକୁ ସେମାନେ ଦାବି କରିଥିଲେ । କଲେଜର ଆଖପାଖରେ ମେଡିକାଲ ସୁବିଧା ନ ଥିବାରୁ ପରିସରରେ ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ ମଧ ସେମାନେ ଦାବି କରିଥିଲେ । ତେବେ ଦୀର୍ଘ ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଛାତ୍ରୀମାନେ ଧାରଣା ଦେବା ସହ ପ୍ଲାକାର୍ଡ ଧରି ପ୍ରଶାସନିକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ । ମଧ୍ୟାହ୍ନରେ ଅଧକ୍ଷ ଡ. ସ୍ୱାଇଁ ଆନ୍ଦୋଳନସ୍ଥଳରେ ପହଞ୍ଚି ଆଗାମୀ ୧୫ ଦିନ ମଧ୍ୟରେ ହଷ୍ଟେଲ ସମସ୍ୟା ସମାଧାନ କରିବା ସହ ଅନ୍ୟାନ୍ୟ ଦାବିଗୁଡ଼ିକର ବିଚାର କରି ତୁରନ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ଛାତ୍ରୀମାନେ ଧାରଣାରୁ ହଟିଥିଲେ ।

### ବ୍ୟବସାୟୀଙ୍କୁ ଦାଦାବଟି ମାଗି ଜଣେ ଗିରଫ

ବ୍ରହ୍ମପୁର ଅଫିସ,୨୧।୮

ସଦର ଥାନା ଅନ୍ତର୍ଗତ ବୋରିଗାଁର ବ୍ୟବସାୟୀ ଜଗଦୀଶ ସାହୁଙ୍କ ଘରେ ପଶି ଆକ୍ରମଣ କରିବା ସହ ତାଙ୍କୁ ୧୦ ହଜାର ଟଙ୍କା ଦାଦାବଟି ମାଗିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ଶଙ୍କର ରାଉଳ (୩୨) । ମାମଲା ନଂ. ୨୧୪/୧୯ରେ ବୁଧବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଜଗଦୀଶ କପଡା ବ୍ୟବସାୟ କରୁଛନ୍ତି । ଗତ ୧୯ ତାରିଖ ରାତିରେ ଜଗଦୀଶ ଓ ତାଙ୍କ ପରିବାର ଘରେ ଶୋଇଥିବା ବେଳେ ରାତି ପ୍ରାୟ ୧୨ଟା ବେଳେ ଶଙ୍କର ତାଙ୍କ କବାଟ ଭାଙ୍ଗି ଭିତରକୁ ପଶିଥିଲେ। ଜଗଦୀଶଙ୍କୁ ମାସକୁ ୧୦ ହଜାର ଟଙ୍କା ଦାଦାବଟି ଦେବାକୁ ଶଙ୍କର ଦାବି କରିଥିଲେ। ଜଗଦୀଶ ମନା କରିବାରୁ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ମା'ଙ୍କୁ ଶଙ୍କର ମାରପିଟ କରିଥିଲେ। ଏପରିକି ସେ ଘରେ ଥିବା ସମସ୍ତ ଆସବାବପତ୍ର ଫିଙ୍ଗା ଫୋପାଡା କରିଥିଲେ। ପରେ ଜଗଦୀଶ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୧୪/୧୯ରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ପୋଲିସ ଶଙ୍କରଙ୍କୁ ମଙ୍ଗଳବାର ରାତିରେ ଗିରଫ କରିଥିଲା ବୋଲି କହିଛି।

# ଏସ୍‌ପିଙ୍କୁ ଭେଟିଲା ଓକିଲ ସଂଘ



ଏସ୍‌ପିଙ୍କ ସହ ଆଇନଜୀବୀମାନେ ଆଲୋଚନା କରୁଛନ୍ତି ।

ବ୍ରହ୍ମପୁର ଅଫିସ,୨୧।୮

ବ୍ରହ୍ମପୁର ସହରରେ ଆଇନ ଶୃଙ୍ଖଳା ଧୀରେ ଧୀରେ ବିଗିଡିବାରେ ଲାଗିଛି। ମଙ୍ଗଳବାର ରାତିରେ ଜଣେ ବରିଷ୍ଠ ଓକିଲ ପ୍ରଫୁଲ୍ଲ ଜଗନ୍ନାଥ ପାଢ଼ୀ ଘରକୁ ଫେରୁଥିବା ବେଳେ ପ୍ରେମନଗର ଛକରେ ତାଙ୍କୁ ଛୁରିରେ ଆକ୍ରମଣ କରାଯାଇଥିଲା। ଏହାକୁ ନେଇ ବୁଧବାର ଗଞ୍ଜାମ ଓକିଲ ସଂଘ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ଘଟଣାର ଦୃଢ଼ ନିନ୍ଦା କରାଯାଇଥିଲା। ଯଦି ଓକିଲମାନେ ସୁରକ୍ଷିତ ନ ରହିବେ ତା ହେଲେ ନ୍ୟାୟ ବ୍ୟବସ୍ଥା କିପରି ସୁରକ୍ଷିତ ରହିବ ବୋଲି ଆଲୋଚନା କରାଯାଇଥିଲା। ଏପରି କି ବୁଧବାର ଦିନକ ପାଇଁ ଓକିଲମାନେ କାର୍ଯ୍ୟବନ୍ଦ କରିଥିଲେ। ପରେ ଓକିଲ ଓ ନୋଟାରୀ ଏସ୍‌ପି ଅଫିସକୁ ଯାଇଥିଲେ। ସେଠାରେ ଏସ୍‌ପି ପିନାକ ମିଶ୍ରଙ୍କୁ ଭେଟି ଘଟଣା ସମ୍ପର୍କରେ କହିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରାଯାଇଥିଲା। ସେହିପରି କୋର୍ଟ ପରିସର ଦେଇ ଯାଇଥିବା ରାସ୍ତାରେ ସକାଳ ୧୦ଟାରୁ ୫ଟା ଯାଏ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରିବାକୁ ମଧ ଅନୁରୋଧ କରାଯାଇଛି ବୋଲି ସଂଘ ସଭାପତି ରବୀନ୍ଦ୍ର କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ କୈଳାସ ପାଣିଗ୍ରାହୀ, ସହ ସମ୍ପାଦକ କିରଣ ମଣ୍ଡଳ, ଉପସଭାପତି ଚିତ୍ତରଞ୍ଜନ ଶତପଥୀ, ଦୀପକ ପଟ୍ଟନାୟକ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ପ୍ରଦୀପ ବେହେରା, ପ୍ରକାଶ ଦାସ, ଅଭୟ ପଣ୍ଡା, ବୁଟୁ ପଟ୍ଟନାୟକ, ଅସିତ ଦାସ, ଶ୍ରୀନିବାସ ଦାସ, ତପନ ଦାସ, ଅଶୋକ ଶୁକ୍ଳା ଓ ବାପୁଜୀ ପଟ୍ଟନାୟକଙ୍କ ସମେତ ବହୁ ଆଇନଜୀବୀ ସାମିଲ ହୋଇ ଥିଲେ।

# ଗଞ୍ଜେଇ ଜବତ, ୨ ଗିରଫ


ଗିରଫ ୨ ଅଭିଯୁକ୍ତ।

ବ୍ରହ୍ମପୁର ଅଫିସ,୨୧।୮

ଗୋଷାଣୀନୂଆଗାଁ ପୋଲିସ ବୁଧବାର ଅନ୍ଧପସରା ଛକରୁ ଏକ ବାଇକ୍‌ରେ ଚାଲାଣ ହେଉଥିବା ୨୦ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ଏକ ବାଇକ୍ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗଜପତି ଜିଲା ମୋହନାର ଜୀନୁ ଅଧିକାରୀ ଓ ଜନ ବିଷୋୟୀ ବୋଲି ତଦନ୍ତକାରୀ ଅଧିକାରୀ ଜ୍ୟୋତି ରଞ୍ଜନ ବେହେରା ସୂଚନା ଦେଇଛନ୍ତି। ମାମଲା ନଂ.୮୧/୧୯ ରେ ବୁଧବାର ସନ୍ଧ୍ୟାରେ ଉଭୟ ଗଞ୍ଜେଇ ଚାଲାଣକାରୀଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି। ବୁଧବାର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଅନ୍ଧପସରା ଛକରେ ଏକ ନମ୍ବର ବିହୀନ ବାଇକ୍‌କୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। ଏକ ବ୍ୟାଗରେ ଗଞ୍ଜେଇ ଭର୍ତ୍ତି ଥିବା ପୋଲିସ ଜାଣିବାକୁ ପାଇଥିଲା।

ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଙ୍ଗ ରଘୁନାଥ ସାହୁ
ଗ୍ରା/ପୋ: ମୋରାବାଇ, ଭାୟା: ପାଣ୍ଡିଆ, ପୁରୁଷୋତ୍ତମପୁର (ଗଞ୍ଜାମ)
ତିରୋଧାନ: ୨୨।୦୮।୨୦୧୩ (ଭାଦ୍ରବ କୃଷ୍ଣପକ୍ଷ ଦ୍ୱିତୀୟା)
ପ୍ରତିଷ୍ଠାତା
ପ୍ରତିଷ୍ଠାତା: ଅମିତ୍ କନ୍‌ଷ୍ଟ୍ରକ୍ସନ, ସାହୁ କନ୍‌ଷ୍ଟ୍ରକ୍ସନ, ସାହୁ ଟ୍ରାନ୍ସପୋର୍ଟ ବ୍ରହ୍ମପୁର, ହୋଟେଲ କରୁଣା ବାର୍ ଆଣ୍ଡ ରେଷ୍ଟୁରାଣ୍ଟ, ପୁରୁଷୋତ୍ତମପୁର, ବ୍ରହ୍ମପୁର କାର୍ଡିଆକ୍ ସେଣ୍ଟର ବ୍ରହ୍ମପୁର, ଗ୍ରୁପ୍ ଅଫ୍ ଶୋଭା ୱାଇନ୍ସ, ନିର୍ମଳ ୱାଇନ୍ସ ଏବଂ ସାହୁ ୱାଇନ୍ସ।
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କଠାରେ ଆମ୍ଭର ପ୍ରାର୍ଥନା। ତୁମର ଅଗୋଚିତ ସ୍ନେହ, ଶ୍ରଦ୍ଧା, ଅକ୍ଲାନ୍ତ ପରିଶ୍ରମ, ନିଷ୍ଠା, ସତ୍ୟ, ଧର୍ମ, ନ୍ୟାୟ, ଦୃଢ଼ ସଂକଳ୍ପ, ତ୍ୟାଗ ଓ ଉପଦେଶ ଆମର ଚିର ସ୍ମରଣୀୟ ଏବଂ ଆମ୍ଭମାନଙ୍କ ଜୀବନରେ ସର୍ବଦା ପାଥେୟ ହୋଇରହୁ।
ଶୋକସନ୍ତପ୍ତ
ଧର୍ମପତ୍ନୀ: ହେମ ସାହୁ, ପୁତ୍ର: ସୋମନାଥ, ପ୍ରଫୁଲ୍ଲ (ପରି), ଦିଲ୍ଲୀପ କୁମାର, କୁନା, ନାରାୟଣ (ନଗଦ), ନିର୍ମଳ ଚନ୍ଦ୍ର, ବୋହୂ: ଲକ୍ଷ୍ମୀ, କ୍ଷୀରୋଧି, ମିନତି, ସୁନନ୍ଦା, ଶୋଭାବତୀ, ଭାଗ୍ୟଲକ୍ଷ୍ମୀ, ନାତି: କମଳ ଲୋଚନ, ବିଘ୍ନେଶ, ସୁମିତ୍ ପ୍ରିୟଦର୍ଶୀ, ଅମିତ୍ ପ୍ରିୟଦର୍ଶୀ, ନାତୁଣୀ: କଳ୍ପନା, ପିଙ୍କି, ବୁଲି, ମାମାଲି, ତୃପ୍ତି, ଚଞ୍ଚଳ, ପରିବାର ଓ ବନ୍ଧୁବର୍ଗ
ତଥା ବ୍ରହ୍ମପୁର ମହାନଗର ଶୌଣ୍ଡିକ ସମାଜ, ଗଞ୍ଜାମ ଜିଲ୍ଲା ଶୌଣ୍ଡିକ ସମାଜ, ନିଖିଳ ଉତ୍କଳ ଶୌଣ୍ଡିକ ସମାଜ (ଭୁବନେଶ୍ୱର), ଭାରତୀୟ କଲ୍‌ଚୁରୀ ସମବର୍ଗୀୟ ଶୌଣ୍ଡିକ ସମାଜ
୩୪

## ■ଗଞ୍ଜାମ ଜିଲା କଂଗ୍ରେସର ସଙ୍ଗିନ ଅଭିଯୋଗ
# ବିଜେଡି ଶାସନରେ ବ୍ରହ୍ମପୁର ବିକାଶ ବାଧାପ୍ରାପ୍ତ

- ■କାର୍ଯ୍ୟକାରୀ ହେଉନି ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି
- ■ବିଶ୍ୱବ୍ୟାଙ୍କ ସହାୟତା ବିନିଯୋଗରେ ବିଏମ୍‌ସି ବିଫଳ
- ■ବର୍ଷା ହେଲେ ପଦାରେ ପଡୁଛି ମହାନଗର ଚିତ୍ର
- ■ଜାନିବିଲି ଯନ୍ତ୍ରଣା ଭୋଗୁଛନ୍ତି ସହରବାସୀ

ବ୍ରହ୍ମପୁର ଅଫିସ,୨୧।୮

ବିଜେଡି ଶାସନରେ ରେଶମ ନଗରୀ ବ୍ରହ୍ମପୁର ବିକାଶ ବାଧାପ୍ରାପ୍ତ ହୋଇଛି। ସାମାନ୍ୟ ବର୍ଷା ହେଲେ ମହାନଗର ଜଳାର୍ଣ୍ଣବ ହେବା ସହ ପାଣି ନିଷ୍କାସନ ହୋଇ ନ ପାରି ଲହଡ଼ି ମାରୁଛି । ଫଳରେ ବିକାଶର ନଗ୍ନ ଚିତ୍ର ପଦାରେ ପଡୁଛି । ସ୍କୁଲ କଲେଜ ଭିତରେ ପାଣି ପଶି ପାଠପଢ଼ା ଠପ୍ ସାଙ୍ଗକୁ ସରକାରୀ ଅଫିସରେ ଅଚଳାବସ୍ଥା ଦେଖାଦେଉଛି। ଗତ ମଙ୍ଗଳବାର ମାତ୍ର ଦେଢ଼ଘଣ୍ଟାର ବର୍ଷା ବିପ୍ଳାତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ସହର ଭିତରେ ୪୩୨.୬୫୮ କି.ମି. ପକ୍କା ଓ କଚା ଡ୍ରେନ ରହିଛି । ତନ୍ମଧ୍ୟରୁ ପ୍ରାୟ ୭୦% ପୋତି ହୋଇ ରହିଛି । ପୁନରୁଦ୍ଧାର ଦିଗରେ ନିଗମ ଆଖି ବୁଜି ଦେଇଥିବାରୁ ଶୋଚନୀୟ ଅବସ୍ଥା ସୃଷ୍ଟି ହେଉଛି । ଜିଲା କଂଗ୍ରେସ ପକ୍ଷରୁ ବୁଧବାର ଏଭଳି ସଙ୍ଗିନ ଅଭିଯୋଗ ହୋଇଛି ।

କଂଗ୍ରେସ ଆହୁରି କହିଛି, ୨୦୧୩ ଅକ୍ଟୋବରରେ ଘଟିଥିବା ସାମୁଦ୍ରିକ ଝଡ଼ ବାତ୍ୟାରେ ମହାନଗର ଧ୍ୱସ୍ତବିଧ୍ୱସ୍ତ ହୋଇ ମାନଚିତ୍ର ବଦଳି ଯାଇଥିଲା। ଭିତ୍ତିଭୂମି ବିକାଶ, ଡ୍ରେନ ଓ ରାସ୍ତା ପୁନଃ ନିର୍ମାଣ ପାଇଁ ବିଶ୍ୱବ୍ୟାଙ୍କ ୨ ଶହ କୋଟି ଟଙ୍କା ସହାୟତା ମଞ୍ଜୁର କରିଛି । ଏହାର ୬ ବର୍ଷ ବିତିବାକୁ ଯାଉଥିଲେ ମଧ ପର୍ଯ୍ୟାୟକ୍ରମେ ମିଳୁଥିବା ଟଙ୍କା ବିନିଯୋଗ ହୋଇ ନ ଥିବାରୁ ବର୍ଷାଦିନରେ ସହର ସ୍ଥିତି ଅସମ୍ଭାଳ ହେଉଛି। ଜାନିବିଲି ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ନାଁରେ ମହାନଗର ସାରା ପାଇପ୍ ବିଛାଇବା ପାଇଁ ସବୁ ରାସ୍ତାଘାଟ ଖୋଳି ଦିଆଯାଇଛି । ଫଳରେ ସବୁଠି ଖାଲଖମା ହୋଇଯାଇଛି । ପାଇପ୍ ବିଛା କାମ ସରିବା ପରେ ସମ୍ପୃକ୍ତ ଠିକା ସଂସ୍ଥା ମାଟି ସଫା ଏବଂ ଖୋଳା ଯାଇଥିବା ରାସ୍ତାଗୁଡ଼ିକରେ ସିମେଣ୍ଟ କଂକ୍ରିଟ କରୁ ନ ଥିବାରୁ ଯାନବାହନ ଦୁର୍ଘଟଣା ଘଟୁଛି। ଜିଲାପାଳ, ବିଏମ୍‌ସି କମିଶନର ଏବଂ ଏମ୍‌ପି ଓ ବିଧାୟକଙ୍କ ତାଗିଦକୁ ଠିକା ସଂସ୍ଥା ମାନୁ ନାହିଁ। ଏହାର ଅବଧି ବଢ଼ି ଚାଲିଥିବାରୁ ଯୋଜନା କେବେ ସମ୍ପୂର୍ଣ୍ଣ ହେବ ତାହା ଅନିଶ୍ଚିତତା ହୋଇଯାଇଛି ।

ବ୍ରହ୍ମପୁର ବିକାଶ ମୋର ଦାୟିତ୍ୱ ବୋଲି ନିର୍ବାଚନୀ ପ୍ରଚାର ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ଦେଉଥିଲେ। ଭୋଟ ପରେ ସେ ଏହାକୁ ଭୁଲି ଯାଇଥିବା ଜିଲା କଂଗ୍ରେସ ଅନ୍ୟ ଏକ ଅଭିଯୋଗ କରିଛି । ୧୯୯୦ରୁ ୨୦୧୪ ପର୍ଯ୍ୟନ୍ତ ବ୍ରହ୍ମପୁର ବିଧାନସଭା ଆସନ ତତ୍କାଳୀନ ଜନତା ଦଳ ଓ ବର୍ତ୍ତମାନର ବିଜେଡି ଦଖଲରେ ରହିଛି। ୨୦୧୯ ନିର୍ବାଚନରେ ବିଧାନସଭା ଓ ଲୋକ ସଭା ଆସନରେ ବିଜେଡି ପ୍ରାର୍ଥୀ ଦ୍ୱୟ ନିର୍ବାଚିତ ହୋଇଛନ୍ତି । ଏବେ ଉଭୟ କେବଳ ସମ୍ବର୍ଦ୍ଧନା ସମାରୋହରେ ମାତି ଜନ ସମସ୍ୟା ପ୍ରତି ଧ୍ୟାନ ଦେଉ ନ ଥିବା ସମାଲୋଚନା କରାଯାଇଛି। ମୁଖ୍ୟମନ୍ତ୍ରୀ ବହୁବାର ଗସ୍ତରେ ଆସି ବିଭିନ୍ନ ପ୍ରସ୍ତାବିତ ଯୋଜନାର ଶିଳାନ୍ୟାସ କରିଛନ୍ତି । ତନ୍ମଧ୍ୟରୁ ଅନେକ କାର୍ଯ୍ୟକାରୀ ହୋଇନାହିଁ। ଥରେ ମଧ ଏହି ମହାନଗର ଏବଂ ଜିଲାର ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ସମୀକ୍ଷା କରି ନ ଥିବା ଜିଲା କଂଗ୍ରେସ ସଭାପତି ତ୍ରିନାଥ ବେହେରା ଓ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା କଟାକ୍ଷ କରିଛନ୍ତି ।

ଉଦ୍‌ଘାଟନର ୩ ବର୍ଷ ପରେ ବି ହଳଦିଆପଦର ବସ୍ ଟର୍ମିନାଲରେ ତାଲା ଝୁଲୁଛି। ଶିଳାନ୍ୟାସର ୩ ବର୍ଷ ବିତିବା ପରେ ରାମଲିଙ୍ଗମ୍ ପୋଖରୀ ଆଧୁନିକୀକରଣ ଓ ସୌନ୍ଦର୍ଯ୍ୟକରଣ ଯୋଜନା ଅଧାପନ୍ତରିଆ ହୋଇ ରହିଛି। ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ବହୁ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଲ୍ଡିଂଗୁଡ଼ିକରୁ ଅର୍ଦ୍ଧେକ ବ୍ୟବହାର ହୋଇ ନ ପାରି ରହିଛି । ଅସମ୍ପୂର୍ଣ୍ଣ ଜାନିବିଲି ପ୍ରକଳ୍ପ ନିର୍ବାଚନ ଓ ଭୋଟ ରାଜନୀତି ପାଇଁ ଗତ ମାର୍ଚ୍ଚ ୩ରେ ମୁଖ୍ୟମନ୍ତ୍ରୀ ତରବରିଆ ଭାବେ ଉଦ୍‌ଘାଟନ କରିଛନ୍ତି। ଫଳରେ ମହାନଗରବାସୀଙ୍କ ଅସନ୍ତୋଷ ବଢ଼ି ଚାଲିଥିବାରୁ ସରକାର ପୌର ନିର୍ବାଚନ ଘୁଞ୍ଚାଇ ଚାଲିଥିବା କଂଗ୍ରେସ ସମାଲୋଚନା କରିଛି। ଅନ୍ୟପକ୍ଷରେ କଂଗ୍ରେସର ଏଭଳି ଅଭିଯୋଗକୁ ବିଜେଡି ଖଣ୍ଡନ କରିବା ସହ ସହର ପାଇଁ ଅନେକ ଯୋଜନା ହୋଇଥିବା କୁହାଯାଇଛି ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଗୁରୁବାର, ୨୨ ଅଗଷ୍ଟ, ୨୦୧୯



## ସଂକ୍ଷେପରେ

### ୪ ଇଟାଭାଟି ସିଲ୍ କଲା ପ୍ରଶାସନ



ଟିକିଟି,୨୧।୮(ଡି.ଏନ.ଏ.): ଜିଲାପାଳଙ୍କ ଆହ୍ୱାନକ୍ରମେ ଗଞ୍ଜାମ ଜିଲା ଟିକିଟି ତହସିଲ୍ ଅଧୀନରେ ଥିବା ୪ ବେଆଇନ୍ ଇଟାଭାଟିକୁ ବୁଧବାର ସିଲ୍ କରାଯାଇଛି। ଷ୍ଟେଟ୍ ପଲ୍ୟୁସନ୍ କଣ୍ଟ୍ରୋଲ ବୋର୍ଡଙ୍କ ନିର୍ଦ୍ଦେଶରେ ମଧ୍ୟାହ୍ନରେ ଟିକିଟି ତହସିଲ୍ ପ୍ରଶାସନ ପକ୍ଷରୁ କୁଟିଲିଙ୍ଗ୍ ଗାଁର ୧, ବଡବଡଙ୍ଗାର ୧, କେ.ନୂଆଗାଁ ଗାଁର ୨ ଇଟାଭାଟି ଉପରେ ଚଢାଉ କରାଯାଇ କାଗଜପତ୍ର ଯାଞ୍ଚ ହୋଇଥିଲା କିନ୍ତୁ କୌଣସି କାଗଜପତ୍ର ନ ଥିବାରୁ ଏହି ଇଟାଭାଟି ଗୁଡିକ ସିଲ୍ କରାଯାଇଥିବା ତହସିଲ୍ ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ଦୀର୍ଘଦିନ ହେଲା ଟିକିଟି ତହସିଲ୍ ଇଲାକାରେ ବେଆଇନ୍ ଭାବେ ଇଟାଭାଟି ଗଢି ଉଠିଥିବା ନେଇ ଜିଲାପାଳ ଓ ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ରେ ଅଭିଯୋଗ ହୋଇଆସୁଥିଲା। ଏଣୁ ଏହିଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ଚଢାଉ ସମୟରେ ଷ୍ଟେଟ୍ ପଲ୍ୟୁଶନ୍ କଣ୍ଟ୍ରୋଲ୍ ବୋର୍ଡର କର୍ମଚାରୀ ଦେବଭରତ ସେଠୀ, ଟିକିଟି ତହସିଲ୍‌ଦାର ହରପ୍ରସାଦ ଭୋଇ, ଅତିରିକ୍ତ ତହସିଲ୍‌ଦାର ଡ.ଶକ୍ତି ପ୍ରସାଦ ଶ୍ରୀଚନ୍ଦନ, ରେଭନ୍ୟୁ ସୁପରଭାଇଜର ସୁବାସ ମଳିକ, ଟିକିଟି ଓ କୁଟିଲିଙ୍ଗ୍ ରାଜସ୍ୱ ନିରୀକ୍ଷକ ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

■ ଗଞ୍ଜାମ, କନ୍ଧମାଳର ବିଡିଓଙ୍କୁ ନେଇ ବୈଠକ

# ରାଜ୍ୟରେ ୮ ଲକ୍ଷ ଆବାସ ନିର୍ମାଣ ଲକ୍ଷ୍ୟ

- ଇଟା ନିର୍ମାଣ କରିବ ମହିଳା ସଂଘ
- ଘର ନିର୍ମାଣର ୪ ଦିନ ମଧ୍ୟରେ ଅର୍ଥ ଦିଅ
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଖର୍ଚ୍ଚ ହେବ ୫ ହଜାର କୋଟି

ଛତ୍ରପୁର,୨୧।୮(ଡି.ଏନ.ଏ)

ଗ୍ରାମୀଣ ଗୃହ ନିର୍ମାଣ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମ୍ବନ୍ଧୀୟ ଏକ ବୈଠକ ଛତ୍ରପୁରସ୍ଥିତ ଜିଲା ପରିଷଦ ଭବନରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ଅଧ୍ୟକ୍ଷତା କରିଥିଲେ । ଆବାସ ଯୋଜନାରେ ପ୍ରତ୍ୟେକ ବାସହୀନଙ୍କୁ ଘର ପ୍ରଦାନ କରିବା ପାଇଁ କଚ୍ଚାଘରେ ରହୁଥିବା ପରିବାରଙ୍କର ରାଜ୍ୟ ସାରା ପ୍ରାଥମିକ ଅନୁସନ୍ଧାନ କରାଯିବ ବୋଲି କୁହାଯାଇଛି। ଅଗଷ୍ଟ ଶେଷ ସୁଦ୍ଧା ଏହି ଅନୁସନ୍ଧାନ କାର୍ଯ୍ୟ ଶେଷ ହୋଇ ହିତାଧିକାରୀଙ୍କୁ ସେମାନଙ୍କର ଏକ କ୍ରମିକ ନମ୍ବର ପ୍ରଦାନ କରାଯିବ। ଅନୁସନ୍ଧାନ କାର୍ଯ୍ୟରେ ବ୍ଲକର ସମସ୍ତ କର୍ମଚାରୀ ଓ ଗ୍ରାମସ୍ତରର ସରକାରୀ କର୍ମଚାରୀମାନେ ନିୟୋଜିତ ହେବେ । ହିତାଧିକାରୀଙ୍କୁ ଘର ପାଇଁ ଖର୍ଚ୍ଚ ଅଟକଳ ବାଦ୍ ଏମ୍‌ଜିଏନ୍‌ଆରଇଜିଏସ୍‌ରୁ କୋଡିଏ ହଜାର ଓ ପ୍ରୋତ୍ସାହନ ରାଶି କୋଡିଏ ହଜାର ଅଧିକ ପ୍ରଦାନ କରାଯିବ। ପ୍ରତ୍ୟେକ ଜିଲାରେ ସମ୍ପୂର୍ଣ୍ଣ ହେଉଥିବା ଆବାସ ଯୋଜନାର ଘରଗୁଡିକ ଏକ ନିର୍ଦ୍ଦିଷ୍ଟ ଦିନରେ ଗୃହ ପ୍ରବେଶ କରାଇବାକୁ




ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ, ଜିଲାପାଳ ପ୍ରମୁଖ ଉପସ୍ଥିତ ଅଛନ୍ତି।

ବିଭାଗୀୟ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିଲେ। ଘର ସମ୍ପୂର୍ଣ୍ଣ ହେଲେ ହିତାଧିକାରୀ ନିଜେ ଏହାର ଫଟୋ ଉଠାଇ ସମ୍ପୃକ୍ତ ଫର୍ମାଟ୍‌ରେ ଅପଲୋଡ୍ କରିବେ। ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ ବ୍ୟବସ୍ଥାର ସରଳୀକରଣ କରାଯିବ । ଘର ସମ୍ପୂର୍ଣ୍ଣ ହେବାର ୪ ଦିନ ମଧ୍ୟରେ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ କରିବା ପାଇଁ ବ୍ଲକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଅବହେଳା କଲେ ସମ୍ପୃକ୍ତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ଆବାସ ଯୋଜନାରେ ରାଜ୍ୟରେ ପ୍ରାୟ ୮ ଲକ୍ଷ ଘର ନିର୍ମାଣ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଘର ନିର୍ମାଣ ପାଇଁ ଇଟା ଆବଶ୍ୟକ ପଡିବ। ମହିଳା ସ୍ୱୟଂସହାୟିକାମାନଙ୍କୁ ଇଟା ତିଆରିରେ ନିୟୋଜିତ କରାଯିବ ବୋଲି ସରକାର ନିଷ୍ପତ୍ତି ଗ୍ରହଣ କରିଥିବା ସୂଚନା ଦିଆଯାଇଥିଲା । ଯେଉଁ ଜିଲା ୯୦ ଭାଗରୁ ଅଧିକ ସଫଳତାର ସହ ଗୃହ ନିର୍ମାଣ କରିବ ସେହି ଜିଲାକୁ ୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ନିର୍ଦ୍ଦେଶକ କହିଥିଲେ । ରାଜ୍ୟ ଚଳିତବର୍ଷ ଏମ୍‌ଜିଏନଆରଇଜିଏସ୍‌ରେ ୫ ହଜାର କୋଟି ଟଙ୍କା ଖର୍ଚ୍ଚ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଗଞ୍ଜାମ ସମେତ ମୋଟ ୧୪ ଜିଲାକୁ ଅଗ୍ରାଧିକାର ଦିଆଯାଇଛି । ଏମ୍‌ଜିଏନଆରଇଜିଏସ୍‌ରେ କ'ଣ ସବୁ କରାଯାଇପାରିବ ତା'ର ବିସ୍ତୃତ ବିଷୟବସ୍ତୁ ଜନସାଧାରଣଙ୍କୁ ଅବଗତ କରାଯିବ। ଏହି ଯୋଜନାରେ ଚାରାରୋପଣ ଓ ଜଳ ସଂରକ୍ଷଣ ପାଇଁ କୂପ ଖନନକୁ ଅଧିକ ଗୁରୁତ୍ୱ ଦିଆଯିବ। ପଞ୍ଚାୟତିରାଜ ଯୋଜନାରେ ଗ୍ରାମର ବାର୍ଷିକ ଉନ୍ନୟନ ଖସଡା ପ୍ରସ୍ତୁତ ସମୟରେ ସମ୍ପୃକ୍ତ ଗ୍ରାମର ଅବସରପ୍ରାପ୍ତ କର୍ମଚାରୀ, ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ପ୍ରମୁଖଙ୍କ ସହ ଆଲୋଚନା କରାଯିବ। ବ୍ଲକସ୍ତରରେ ଏମ୍‌ଜିଏନଆରଇଜିଏସ୍ ପାଇଁ ବିଭାଗୀୟ ସମନ୍ୱୟ ବୈଠକ ବସିବ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ବୈଠକରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜଣେ କର୍ମଚାରୀ ଯୋଗଦାନ କରିବେ । ଏମ୍‌ଜିଏନଆରଇଜିଏସ୍ ପାଇଁ ସ୍ୱତନ୍ତ୍ର କଲ୍ ସେଣ୍ଟର ଖୋଲାଯିବ। ସର୍ବଭାରତୀୟ ସ୍ତରରେ ଏହାର ରୂପାୟନ କ୍ଷେତ୍ରରେ ଓଡିଶାକୁ ଏକ ମର୍ଯ୍ୟାଦାଜନକ ସ୍ଥାନରେ ରଖିବା ପାଇଁ ପ୍ରୟାସ କରାଯିବ ବୋଲି ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରକାଶ କରିଥିଲେ । ଗଞ୍ଜାମ ଜିଲା ଅଗ୍ରାଧିକାର ଭିତ୍ତିରେ କାମ କରିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଥିଲେ । ବୈଠକରେ ଡିଆରଡିଏ ପିଡି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆଇଏଏସ୍ ପ୍ରୋବେଶନର୍ କୀର୍ତ୍ତି ଭାସନ ଭିଙ୍କ ସମେତ ଗଞ୍ଜାମ ଓ କନ୍ଧମାଳର ସମସ୍ତ ବିଡିଓ ଯୋଗ ଦେଇଥିଲେ ।

## ବିଭିନ୍ନ ଦାବି ନେଇ ଭାରିଯାନ ଅଟକାଇଲେ ଲୋକେ

ଛତ୍ରପୁର,୨୧।୮(ଡି.ଏନ.ଏ.)

ବିଭିନ୍ନ ଦାବିନେଇ ଛତ୍ରପୁର ଥାନା ଅଧୀନ ପୁରୁଣା ଛତ୍ରପୁର ଗାଁ ଲୋକେ ଗୋପାଳପୁର ପୋର୍ଟକୁ ଯାଉଥିବା ଟ୍ରକ ଅଟକାଇ ବସି ରହିଥିଲେ । ପରେ ବୁଧବାର ଅପରାହ୍ନରେ ଛତ୍ରପୁର ଏସ୍‌ଡିପିଓ ଓ ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ । ଗୋପାଳପୁର ପୋର୍ଟକୁ ଭାରିଯାନ ଯିବା ଆସିବା ସୁବିଧା ପାଇଁ ରାସ୍ତା ପାର୍ଶ୍ୱରେ ଥିବା ଘରର ଜଣେ ଲେଖାଏ ସଦସ୍ୟଙ୍କୁ ସୁରକ୍ଷା କର୍ମୀ ଭାବେ ପୋର୍ଟ ପକ୍ଷରୁ ନିଯୁକ୍ତି ଦେବାକୁ ପୂର୍ବରୁ ତ୍ରିପାକ୍ଷିକ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଏଯାବତ ସର୍ଭେ ହୋଇ ନ ଥିବାରୁ ପୁରୁଣା ଛତ୍ରପୁରର ଲୋକେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏଥିସହ ପୂର୍ବ ନିଷ୍ପତ୍ତି ଅନୁଯାୟୀ ପାରିପାର୍ଶ୍ୱିକ ଉନ୍ନତି ପାଇଁ ପଦକ୍ଷେପ ନେଇ ନ ଥିବା ସେମାନେ କହିଥିଲେ । ଦାବି ଗୁଡିକର ତ୍ୱରାନ୍ୱିତ ପାଇଁ ପଦକ୍ଷେପ ନିଆଯିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଛି ।

## ଅକ୍ଷୟ ଉର୍ଜା ଦିବସ ପାଳିତ

ଭଞ୍ଜନଗର,୨୧।୮(ଡି.ଏନ.ଏ)- ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ନେହେରୁ ଯୁବ କେନ୍ଦ୍ର ମାଧମରେ ମଙ୍ଗଳବାର ବେଲଗୁଣ୍ଠା ବ୍ଲକ ଲୁଣିପଡ଼ାରେ ବ୍ଲକସ୍ତରୀୟ ସଦ୍‌ଭାବନା ଓ ଅକ୍ଷୟ ଉର୍ଜା ଦିବସ ପାଳିତ ହୋଇଯାଇଛି। ଲୁଣିପଡ଼ା ମା' ନାରାୟଣୀ ଯୁବ ସେବା ସଂଘ ପରିସରରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟ ସଭାପତି ରାମକୃଷ୍ଣ ସ୍ୱାଇଁ, ସସ୍ମିତା ସ୍ୱାଇଁ, ପ୍ରମୋଦିନି ସାହୁ, ଦିପ୍ତିମୟୀ ବେହେରା ଅତିଥି ଭାବେ ଯୋଗଦେଇ ଉର୍ଜା ଦିବସର ମହତ୍ୱ ସମ୍ପର୍କରେ କହିଥିଲେ। ଏହି ସଭାରେ ୫୦ରୁ ଉର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। ସୂର୍ଯ୍ୟଙ୍କ ତାପ ଶକ୍ତିକୁ ବିଭିନ୍ନ ମାଧ୍ୟମରେ କିଭଳି ବ୍ୟବହାର କରାଯିବ ସେ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଗ୍ରାସୀମ କମ୍ପାନୀ ସମ୍ମୁଖରେ ଶ୍ରମିକଙ୍କ ଧାରଣା

ଗଞ୍ଜାମ,୨୧।୮(ଡି.ଏନ.ଏ.)

ଗଞ୍ଜାମ ସହରସ୍ଥିତ ଗ୍ରାସୀମ କମ୍ପାନୀର ପିଛା ଛାଡୁନି ସମସ୍ୟା। କମ୍ପାନୀର ମନମୁଖି ଶାସନ ପ୍ରତିବାଦରେ ମଙ୍ଗଳବାର ଅପରାହ୍ନ ୪ଟାରୁ କମ୍ପାନୀ ଆଡ୍‌ମିନିଷ୍ଟ୍ରେଟିଭ ବିଲ୍ଡିଂ ସମ୍ମୁଖରେ କମ୍ପାନୀରର ଶ୍ରମିକମାନେ ଧାରଣା ଦେଇଛନ୍ତି। ଧାରଣା ଯୋଗୁ ଷ୍ଟାଫ ଡ୍ୟୁଟି ସରିବାପରେ ବି ଭୟରେ ବାହାରକୁ ଯାଇପାରି ନ ଥିଲେ। ରାତି ପ୍ରାୟ ୧୧ଟାରେ କମ୍ପାନୀରୁ ବାହାରି କ୍ୱାର୍ଟରକୁ ଯାଇଥିଲେ। କୌଣସି ସମାଧାନ ନ ହେବାରୁ ପୁଣି କାର୍ଯ୍ୟରତ ଶ୍ରମିକ ତଥା ଜୟଶ୍ରୀ ବିଜୁ ଶ୍ରମିକ ସାମ୍ମୁଖ୍ୟ ସଙ୍ଗଠନ ବୁଧବାର ସକାଳୁ ଧାରଣା ଦେଇଛନ୍ତି। ୫୦ ବର୍ଷ ପୂର୍ବରୁ ହୋଇଥିବା ଚୁକ୍ତି ଅନୁଯାୟୀ ସିନିୟର ଶ୍ରମିକଙ୍କୁ କମ୍ପାନୀ ପ୍ରମୋଶନ ଦେବା ପ୍ରତିବଦଳରେ (ରେକୋଗନାଇଜ୍ ୟୁନିୟନ) ସ୍ୱୀକୃତିପ୍ରାପ୍ତ ୟୁନିୟନ ଚାପରେ ଜୁନିୟର ଶ୍ରମିକମାନଙ୍କୁ ପ୍ରମୋଶନ ଦେଉଛି ବୋଲି ବିଜୁ ଶ୍ରମିକ ସାମ୍ମୁଖ୍ୟ ସଂଗଠନ ସମ୍ପାଦକ ଅର୍ଜ୍ଜୁନ କୁମାର ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିସହିତ କମ୍ପାନୀରେ ଖାଲି ଥିବା ପଦବୀ ନିମନ୍ତେ ଠିକା ଭିତ୍ତିରେ ନିଯୁକ୍ତି ଦେଉଥିବା ସେ କହିଛନ୍ତି। ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିଙ୍କୁ ନିଯୁକ୍ତି ନ ଦେଇ ରାଜ୍ୟ ବାହାରୁ ଶ୍ରମିକ ଆଣି କମ୍ପାନୀରେ ନିୟୋଜିତ କରାଯାଉଛି ବୋଲି ସଂଘ ଅଭିଯୋଗ କରିଛି। ଏ ସମ୍ପର୍କରେ ସ୍ୱୀକୃତିପ୍ରାପ୍ତ ୟୁନିୟନ ବା ଜୟଶ୍ରୀ କେମିକାଲ ଏମ୍ପ୍ଲୋଇଜ୍ ୟୁନିୟନ ସମ୍ପାଦକ ରଞ୍ଜିତ କୁମାର ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେ କହିଛନ୍ତି। ପୁଣି କମ୍ପାନୀ ଲୋକ ସମ୍ପର୍କ ସୂଚନା ଅଧିକାରୀ ରବୀନ୍ଦ୍ର କୁମାର ମାହାନ୍ତିଙ୍କୁ ପଚାରିବାରେ ଶ୍ରମିକମାନଙ୍କ ଦାବି ସମ୍ପର୍କରେ ଆଲୋଚନା ଚାଲିଥିବା ସେ ସୂଚନା ଦେଇଛନ୍ତି। ଧାରଣାରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ସଙ୍ଗଠନ ସଭାପତି ଶଙ୍କର ଦାସ, ସହ ସମ୍ପାଦକ କୃଷ୍ଣ ପଲାଇ, ପଙ୍କଜ ଗୌଡ଼, ଲୋକନାଥ ମୁଦୁଲି, ବାସୁଦେବ ରେଡ୍ଡୀ, ଟୁକୁନା ବାରିକି, ନାରାୟଣ ଗୌଡ଼, ବିଜୟ ପଲାଇଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଶ୍ରମିକ ଉପସ୍ଥିତ ଥିଲେ।



ଶ୍ରମିକମାନେ ଧାରଣାରେ ବସିଛନ୍ତି।

## ଉତ୍ତର ଖାତା ମୂଲ୍ୟାୟନ ହୋଇ ନ ଥିବାରୁ ପ୍ରଧାନ ଶିକ୍ଷକ ନିଲମ୍ବିତ

ଦିଗପହଣ୍ଡି/ପାଟପୁର,୨୧।୮ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଡ.ସନାତନ ପଣ୍ଡା ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ସାନଖେମୁଣ୍ଡି ବ୍ଲକ ପାଟପୁର ହାଇସ୍କୁଲରେ ପହଞ୍ଚି ବିଭିନ୍ନ ରେକର୍ଡ ଯାଞ୍ଚ କରିଥିଲେ। ସେଠାରେ ଗତ ବାର୍ଷିକ ପରୀକ୍ଷା ଦେଇଥିବା ୯ମ ଶ୍ରେଣୀ ପିଲାମାନେ ବର୍ତ୍ତମାନ ୧୦ମ ଶ୍ରେଣୀରେ ନାଁ ଲେଖାଇଛନ୍ତି। କିନ୍ତୁ ଏଯାଏଁ ସେମାନଙ୍କୁ ମାର୍କସିଟ ଦିଆଯାଇନାହିଁ। ତେଣୁ ଜିଲା ଶିକ୍ଷାଧିକାରୀ ଉତ୍ତର ଖାତା ଦେଖିବାକୁ ମାଗିଥିଲେ। କିନ୍ତୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆଲମାରୀ ଚାବି ନ ଆଣିବା ଅଭିନୟ କରି ନିଜ ଅଫିସ ରୁମର ଖୋଲା ଥିବା ଆଲମାରୀରୁ ପିଲାଙ୍କ ପରୀକ୍ଷା ଖାତା ବାହାରକୁ ଆଣି ଦେଖିଥିଲେ। ତେବେ ପରୀକ୍ଷା ପରେ ଉତ୍ତର ଖାତା ମୂଲ୍ୟାୟନ କରାଯାଇ ନ ଥିବା ଜଣାପଡିଥିଲା। ଏ ନେଇ ସେ କୈଫିୟତ ମାଗିବାରୁ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ କୌଣସି ଉତ୍ତର ଦେଇନଥିଲେ। ତେଣୁ ଭାରପ୍ରାପ୍ତ ପ୍ରାଧାନ ଶିକ୍ଷକ ସମୀରକାନ୍ତ ତ୍ରିପାଠୀଙ୍କୁ ନିଲମ୍ବିତ କରାଯାଇଥିଲା। ଗୁରୁବାରଠାରୁ ସହକାରୀ ଶିକ୍ଷକ ସୁରେଶ କୁମାର ମହାପାତ୍ରଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ଦିଆଯାଇଥିବା ସେ କହିଛନ୍ତି। ଏହି ଘଟଣାରେ ୩ ସହକାରୀ ଶିକ୍ଷୟିତ୍ରୀଙ୍କୁ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏଥିରେ ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ପ୍ରସାଦ ପାଢ଼ୀ,ପାଟପୁର ପଞ୍ଚାୟତ ସରପଞ୍ଚ ଟି.ବାବୁ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ନିଲମ୍ବିତ ପ୍ରଧାନଶିକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମତାମତ ମିଳିପାରିନାହିଁ।

## ବୋହୂ ଦ୍ୱାରା ଶାଶୁ, ଶ୍ୱଶୁର ନିର୍ଯାତିତ: ନ୍ୟାୟ ନ ମିଳିଲେ ଆତ୍ମହତ୍ୟା ନିଷ୍ପତ୍ତି

ଗୋପାଳପୁର,୨୧।୮

ଗୋଳନ୍ଥରା ଥାନା ରଙ୍ଗିପୁର ଗ୍ରାମର ସୁବାସ ଚନ୍ଦ୍ର ଶତପଥୀ ଓ ସ୍ତ୍ରୀ ସୁଷମାଙ୍କୁ ବୋହୂ ନିର୍ଯାତନ ଦେଇଥିବା ନେଇ ଅଭିଯୋଗ ହୋଇଛି। ନ୍ୟାୟ ନ ମିଳିଲେ ଏହି ବୃଦ୍ଧଦମ୍ପତି ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ସୁବାସଙ୍କ କହିବା ପ୍ରକାରେ, ୨୦୧୭ ଅକ୍ଟୋବର ୧୫ରେ କୌଣସି କାରଣରୁ ବୋହୂ ଘର ଛାଡ଼ି ଚାଲିଯାଇଥିଲେ। ତାର ଦୁଇ ଦିନ ପରେ ଲୋକଲଜ୍ଜା ସହି ନ ପାରି ପୁଅ ଗୌରଶଙ୍କର ଆତ୍ମହତ୍ୟା କରିଥିଲା। ଏହା ପରେ ଆମେ ସାନପୁଅ ଓ ବୋହୂଙ୍କ ସହ ରହୁଛୁ। ଇତିମଧ୍ୟରେ ବଡ଼ ବୋହୂ ଅସାମାଜିକ ଯୁବକଙ୍କ ସହ ଘରେ ପଶି ଆମକୁ ଧମକ ଚମକ ଦେବା ସହ ସାନବୋହୂଙ୍କୁ ଟଣାଓଟରା କରିଥିଲେ। ଏ ନେଇ କୋର୍ଟରେ ଜିଆର ନଂ. ୧୧୬୨/୧୮ ପ୍ରକାରେ ମାମଲା ରୁଜୁ କରି ଗୋଳନ୍ଥରା ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ପରେ ମୋତେ ଘରେ ରଖୁ ନ ଥିବା ନେଇ ବଡ଼ବୋହୂ କୋର୍ଟରେ ଆବେଦନ କରିଥିଲେ। ତେଣୁ କୋର୍ଟ ଏମ୍‌ସି ନଂ. ୬୩/୧୮ ପ୍ରକାରେ ବଡ଼ବୋହୂ ଓ ତାଙ୍କ ଝିଅକୁ ଘରେ ରଖିବା ପାଇଁ ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟ ନିର୍ଦ୍ଦେଶ ଜାରି କରିଥିଲେ। ଅପରପକ୍ଷରେ ବୋହୂ ଘରେ ରହିଲେ ଜୀବନ ପ୍ରତି ବିପଦ ରହିଥିବା ସୁବାସ କହିଛନ୍ତି। ଯଦି ନ୍ୟାୟ ନ ମିଳେ ଉଭୟେ ଆତ୍ମହତ୍ୟା କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ସୁଷମା ମାନସିକ ବିକାରଗ୍ରସ୍ତ ରହିଛନ୍ତି। ଏ ନେଇ ଜିଲା ଜଜ୍‌ଙ୍କ କୋର୍ଟରେ ଏସ୍‌ଡିଜେଏମ୍‌ଙ୍କ ନିର୍ଦ୍ଦେଶ ନେଇ ଅପିଲ କରିଛନ୍ତି।

# ଦାରିଙ୍ଗବାଡ଼ିରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ

ଦାରିଙ୍ଗବାଡ଼ି,୨୧।୮(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ସଭାଗୃହରେ ବୁଧବାର ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ଏହାକୁ ବ୍ଲକ କାର୍ଯ୍ୟାଳୟର ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ କେଦାର ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ମଞ୍ଚାସୀନ ଅତିଥିଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ, ବ୍ଲକ ଆକାଉଣ୍ଟ ଅଫିସର କ୍ଷେତ୍ରୀବର ଜାନୀ, ବଣିକ ସଂଘ ଉପସଭାପତି ସରୋଜ ସାହୁ, ସହସମ୍ପାଦକ ତଥା ଆଇନଜୀବୀ ହରେନ କୁମାର ସାହୁ, ବ୍ରାହ୍ମଣୀଗାଁ ଜୋନ ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକାରୀ ସଭାପତି ବିଭୁ ବସ୍ତୁରାୟ, ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତି ଥିଲେ। ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସମ୍ପାଦକ ପତିତପାବନ ରାଉତ ସଭା ପରିଚାଳନା କରିଥିଲେ। ବରିଷ୍ଠ ନାଗରିକଙ୍କ ପରିଚୟପତ୍ର ନଥିବାରୁ ବସ୍‌ରେ ଯାତାୟାତବେଳେ ଅନେକ ସମୟରେ ପୂରା ଟିକେଟ ଅର୍ଥ ଦେବାକୁ ପଡୁଛି। ବସ୍ କର୍ମଚାରୀମାନେ ବସିବା ପାଇଁ ସିଟ୍ ପ୍ରଦାନ କରୁ ନ ଥିବା ସହ ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଥିଲା। ଆଗାମୀ ଦିନରେ ସଙ୍ଗଠନକୁ ମଜଭୁତ କରିବା ସହ ବ୍ୟାଙ୍କରେ ଏକ ସ୍ୱତନ୍ତ୍ର ଧାଡ଼ିବାନ୍ଧି ଟଙ୍କା ଉଠାଣ କରାଯିବାକୁ ଶାଖା ପରିଚାଳକଙ୍କୁ ନିବେଦନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି କନ୍ଧମାଳ ଏସ୍‌ପି ପ୍ରତୀକ ସିଂ ସମସ୍ତ ବରିଷ୍ଠ ନାଗରିକଙ୍କୁ ନିଜ ଥାନାରୁ ଏହି ପରିଚୟପତ୍ର ସଂଗ୍ରହ କରିବାକୁ ପରାମର୍ଶ ଦେଇଛନ୍ତି। ଏଣୁ ଉଭୟ ଦାରିଙ୍ଗବାଡ଼ି ଏବଂ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ବରିଷ୍ଠ ନାଗରିକ ଏହା ସଂଗ୍ରହ କରିବାକୁ କୁହାଯାଇଥିଲା। ସେହିପରି ଡାକସେବା ସହ ବିଭିନ୍ନ ସ୍ଥାନରେ ଲମ୍ବାଧାଡ଼ି ନବାନ୍ଧି ସେମାନଙ୍କ ପାଇଁ ପ୍ରଶାସନ ସୁବିଧା କରିବାକୁ କୁହାଯାଇଥିଲା। ପରିବାରରେ ଏକାଧିକ ଘରେ ବରିଷ୍ଠ ନାଗରିକମାନଙ୍କୁ ଅଣଦେଖା ସହ ନିର୍ଯାତନା ଦିଆଯାଉଛି। ଏଭଳି କ୍ଷେତ୍ରରେ କଣ ସବୁ ଆଇନ ରହିଛି ସେନେଇ ମୁଖ୍ୟବକ୍ତା ଦଣ୍ଡପାଟ କହିଥିଲେ।

## ସାପ କାମୁଡ଼ାରେ ବୃଦ୍ଧା ମୃତ

ପାତ୍ରପୁର,୨୧।୮(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ଗୁଣ୍ଡ୍ରା ପଞ୍ଚାୟତ ଜଗନ୍ନାଥପୁର ଗାଁରେ ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଙ୍ଗାରି ଆରଦ୍ରା (୬୫) । ମଙ୍ଗଳବାର ସନ୍ଧ୍ୟାରେ ଆରଦ୍ରା ଘରେ ରୋଷେଇ କରୁଥିବା ବେଳେ ତାଙ୍କ ଗୋଡ଼କୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଆନ୍ଧ୍ରର ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବୁଧବାର ଭୋରରେ ତାଙ୍କର ମୃତ୍ୟୁ ହୋଇଥିଲା ।

## ବିସିସିଏମ୍‌ରେ ସ୍ୱାଗତ ସଭା

ଭଞ୍ଜନଗର,୨୧।୮(ଡି.ଏନ.ଏ)

ସ୍ଥାନୀୟ ଭଞ୍ଜ କଲେଜ ଅଫ୍ କମ୍ପ୍ୟୁଟର ଆଣ୍ଡ ମ୍ୟାନେଜମେଣ୍ଟ ପକ୍ଷରୁ ବୁଧବାର ଚଳିତ ବର୍ଷର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଏନେଇ କଲେଜ ପରିସରରେ ଏକ ସଭା ହୋଇଥିଲା। ଏଥିରେ ଅଧ୍ୟକ୍ଷ ଗୌରୀ ଶଙ୍କର ହୋତା ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ସଭାପତି ଅମରନାଥ ରଥ, ସମ୍ପାଦକ ତ୍ରୈଲୋକ୍ୟ ପଣ୍ଡା, ଅଧ୍ୟାପକ ଦିଲିପ ତ୍ରିପାଠୀ, ଶ୍ରୀନିବାସ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଆକାଂକ୍ଷା ଜେନା, କାହ୍ନା ମହାରଣା, ଉପାସନା ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମାନସ ହୋତା, ମୀରାମ୍ବିକା ପଣ୍ଡା, ସ୍ୱାତୀ ଗୌଡ଼, ନିଶା ସ୍ୱାଇଁ, ମିତେଶ ରାଉତ, ଚିଦାନନ୍ଦ ମହାପାତ୍ର, ଅରବିନ୍ଦ ସ୍ୱାଇଁ ଆଲୋଚନାରେ ଭାଗ ନେଇଥିଲେ। ଛାତ୍ରୀ ଲକ୍ଷ୍ମି ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।



ମଞ୍ଚାସୀନ ଅତିଥି।

# ବକେୟା ଦେବୁନାହିଁ, ସୁବିଧା ନେବୁ

ଭଞ୍ଜନଗର,୨୧।୮(ଡି.ଏନ.ଏ)

ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା)ର ପ୍ରକଳ୍ପ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳ ବୁଧବାର ଭଞ୍ଜନଗର ଏନ୍‌ଏସିଗସ୍ତରେ ଆସି ସହରରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସ୍ୱୟଂ ସହାୟକ ସଂଘ ଗୁଡ଼ିକର ଆର୍ଥିକ ସ୍ଥିତିରେ କିଭଳି ଉନ୍ନତି ହୋଇପାରିବ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପିଡ଼ି ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା, ବର୍ଯ୍ୟବସ୍ତୁ ପ୍ଲାଣ୍ଟ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରମୁଖ ଉପରେ ମଧ୍ୟ ସମୀକ୍ଷା କରିଥିଲେ। ୫ଦିନ ଧରି ଚାଲିଥିବା ସ୍ୱୟଂ ସହାୟକ ସଂଘର ଦକ୍ଷତା ବୃଦ୍ଧି ତାଲିମ ଶିବିର ବୁଧବାର ଏନ୍‌ଏସି ପରିସରରେ ଉଦ୍‌ଯାପିତ ହୋଇଯାଇଛି। ସ୍ୱୟଂ ସହାୟକ ସଂଘ ଉପରେ ମଧ୍ୟ ପିଡ଼ି ସମୀକ୍ଷା କରିଥିଲେ। ୨ମାସ ମଧ୍ୟରେ ଭଞ୍ଜନଗର ଏନ୍‌ଏସିକୁ ମ୍ୟୁନିସପାଲିଟି ଘୋଷଣା କରିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ଏନେଇ ସରକାରଙ୍କ ପକ୍ଷରୁ ସମୀକ୍ଷା ଚାଲିଛି। ଏନେଇ ପିଡି ବିଭିନ୍ନ ଫାଇଲର ସମୀକ୍ଷା କରିଥିଲେ। ୨୦୧୧ ଜନଗଣନା ଅନୁଯାୟୀ ଭଞ୍ଜନଗର ସହରରେ ୨୦ ହଜାର ୪୮୨ । ଏନ୍‌ଏସିକୁ ମ୍ୟୁନିସପାଲଟି କରିବାକୁ ସହରକୁ ଲାଗିଥିବା ବାଉଁଶଲୁଣ୍ଡି, ଜିଲୁଣ୍ଡି, ଅଗଝୋଳ, ଗାମୁଣ୍ଡି, ଲାଲସିଂ, ଡ଼ିହପଢ଼ାଳ, ଜାମପଲ୍ଲୀ, ବାଣତୁମ୍ବ ଗ୍ରାମକୁ ନେଇ କରିବା ପାଇଁ ପ୍ରସ୍ତାବ ଆସିଛି। ସହରାଞ୍ଚଳରେ ବସବାସ କରୁଥିବା ଲୋକେ ଗ୍ରାମାଞ୍ଚଳ ଠାରୁ ଅଧିକ ସୁବିଧା ଭାବେ ଘରକୁ ପାଇପ ପାଣି, ଷ୍ଟ୍ରିଟ ଲାଇଟ ଓ ରାସ୍ତା ସଫେଇ ପ୍ରମୁଖ ସୁବିଧା ପାଉଛନ୍ତି। ଏବାବଦରେ ଲୋକେ ଘର ଟିକସ ବାବଦକୁ ବାର୍ଷିକ ସର୍ବନିମ୍ନ ୨୨୨ ଟଙ୍କାରୁ ଉର୍ଦ୍ଧ୍ୱ ବାନ୍ଧିବା ନିୟମ ଅଛି। କିନ୍ତୁ ଅଧିକାଂଶ ଲୋକେ ଟିକସ ଦେଉନାହାନ୍ତି। ଏବାବଦକୁ ୧୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବକେୟା ପଡିଛି। ଅନ୍ୟପଟେ ସହରରେ ବିନା ପ୍ଲାନିଂରେ ଘର ହେବାଦ୍ୱାରା ଜଳ ନିଷ୍କାସନରେ ସମସ୍ୟା ହେଉଛି, ମାତ୍ର ପ୍ରଶାସନ ଉପରେ ଲୋକେ ଦୋଷ ଲଦି ଦେଉଛନ୍ତି। ଅପରପକ୍ଷେ ମ୍ୟୁନିସିପାଲଟିକୁ ନେଇ ସହରରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ମାତ୍ର ସ୍ୱାୟତ୍ତ ଶାସନ ଦିବସ ଦିନ ଏନ୍‌ଏସିକୁ ମ୍ୟୁନିସିପାଲଟି ଘୋଷଣା କରିବେ ବୋଲି ଆଶା କରାଯାଇଛି। ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଗସ୍ତ ସମୟରେ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ଏନଏସି ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ, ଗୋଷ୍ଠୀ ସହାୟିକା ଅଞ୍ଜଳି ପଣ୍ଡା, ସାମାଜିକ କର୍ମୀ ଶୁଳପାଣି ଶତପଥୀ, ରୋଜାଲିନ ଜେନା, ବିଜୁଳିପ୍ରଭା ବିଷୋୟୀ, ଗୀତାଞ୍ଜଳି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାପୂର୍ବରୁ ପୂର୍ବାହ୍ନରେ ପିଡ଼ି ବେଲଗୁଣ୍ଠା ଏନ୍‌ଏସିର ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ।



ସ୍ୱୟଂ ସହାୟକ ସଂଘର ତାଲିମ ଶିବିରରେ ଉପସ୍ଥିତ ସଭ୍ୟା।

**ଡୁଡା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଭଞ୍ଜନଗର ଏନ୍‌ଏସିରେ ସମୀକ୍ଷା**

## କ.ନୂଆଗାଁ ବ୍ଲକ ଅଧ୍ୟକ୍ଷା ହେଲେ ସୁଲୋଚନା

କ.ନୂଆଗାଁ,୨୧।୮

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅଧ୍ୟକ୍ଷ ପଦବୀ ଉପନିର୍ବାଚନ ବୁଧବାର ହୋଇଯାଇଛି। ଏଥିରେ ବଣ୍ଡଗୁଡା ସମିତିସଭ୍ୟା ସୁଲୋଚନା ଦଳବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ତଥା ବାଲିଗୁଡା ବିଡିଓ ନରେଶ ଚନ୍ଦ୍ର ଶବର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ପୂର୍ବରୁ ଅଧ୍ୟକ୍ଷ ଥିବା ଚକ୍ରମଣି କହଁର ବାଲିଗୁଡା ବିଧାୟକ ଭାବେ ନିର୍ବାଚିତ ହେବାପରେ ସାଇନପଡା ସମିତିସଭ୍ୟ ଓ ଅଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଇଥିଲେ। ବୁଧବାର ଅଧ୍ୟକ୍ଷ ପଦବୀ ନିମନ୍ତେ ନିର୍ବାଚନ କରାଯାଇଥିଲା। ବ୍ଲକର ସମସ୍ତ ୧୩ଜଣ ସମିତିସଭ୍ୟ ଉପସ୍ଥିତ ଥିଲେ। ନୂତନ ଭାବେ ନିର୍ବାଚିତ ହୋଇ ସୁଲୋଚନାଙ୍କୁ ବିଧାୟକ ଚକ୍ରମଣି କହଁର, ବିଜେଡି ଜିଲା ସମ୍ପାଦକ କୃଷ୍ଣମୋହନ ପାଣିଗ୍ରାହୀ, ବିଜେଡି ବ୍ଲକ ସଭାପତି ବାସୁଦେବ ପଣ୍ଡା, ରଜନୀକାନ୍ତ ସାହୁ, ଜିତେନ୍ଦ୍ର ପ୍ରଧାନ, ଭାଗ୍ୟବାନ ବେହେରା ସ୍ୱାଗତ ଜଣାଇଥିଲେ। ପ୍ରକାଶ ଯେ, ସୁଲୋଚନା ଉପାଧ୍ୟକ୍ଷା ଥିବାରୁ ଅଧ୍ୟକ୍ଷା ହେବାପରେ ଏବେ ଏହି ପଦବୀଟି ଖାଲି ପଡିଲା।




# ଜନ୍ମାଷ୍ଟମୀ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି


ଏସ୍‌ପି ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ଫୁଲବାଣୀ ଅଫିସ, ୨୧।୮**

ଆସନ୍ତା ୨୩ରେ ଜନ୍ମାଷ୍ଟମୀ। ଏହିଦିନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ତିରୋଧାନ ଦିବସ ହୋଇଥିବାରୁ ଜିଲାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ତୁମୁଡିବନ୍ଧସ୍ଥିତ ଜଲେଶପଟା ଓ ଚକାପାଦଠାରେ ଥିବା ସ୍ୱାମୀଜୀଙ୍କ ଆଶ୍ରମରେ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏଥିଲାଗି ଯେପରି ଆଇନ ଶୃଙ୍ଖଳା ପରିସ୍ଥିତ ସୃଷ୍ଟି ନ ହେବ ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି।

ଜିଲାରେ ବର୍ତ୍ତମାନର ଆଇନଶୃଙ୍ଖଳା ପରିସ୍ଥିତି ଓ ସାମ୍ଭାବ୍ୟ ପରିସ୍ଥିତି ଉପରେ ବୁଧବାର ସମସ୍ତ ଥାନା ଅଧିକାରୀଙ୍କ ସହ ଏକ ବୈଠକ ହୋଇଥିଲା। ଜିଲାରେ ଥିବା ଫୋର୍ସ ସହ ଅଧିକ ୧୨ ପ୍ଲାଟୁନ ଫୋର୍ସ ରାଜ୍ୟରୁ ଅଣାଯାଇଛି। ସେମାନଙ୍କୁ ଜିଲାର ସମ୍ବେଦନଶୀଳ ଅଞ୍ଚଳରେ ମୁତୟନ କରାଯାଇଛି। ଓଡ୍ରାଫର ଗୋଟିଏ ପ୍ଲାଟୁନ ମଧ୍ୟ ଜିଲାରେ ପହଞ୍ଚିଛି। ରାତ୍ରିକାଳୀନ ପାଟ୍ରୋଲିଂକୁ କଡାକଡି କରାଯିବା ସହ ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚ କରାଯାଉଛି। କୁଇକ୍ ରେସପନ୍ସ ଟିମ ଗଠନ କରାଯାଇଛି। କେଉଁଠାରୁ କିଛି ଖବର ମିଳିଲେ ସଙ୍ଗେ ସଙ୍ଗେ ଟିମ୍ ଆକ୍ସନ ନେବ। ଏଥିସହ କମ୍ବିଂ ଅପରେଶନ ଜୋରଦାର ଚାଲିଛି ବୋଲି ଏସ୍‌ପି ପ୍ରତୀକ୍ ଗୀତା ସିଂ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ସେହିପରି ଜଲେଶପଟା ଓ ଚକାପାଦ ଆଶ୍ରମରେ ସ୍ୱତନ୍ତ୍ର ଫୋର୍ସ ମଧ୍ୟ ମୁତୟନ କରାଯାଇଥିବା ସୂଚନା ଦେଇଛନ୍ତି।

୨୦୦୮ ଅଗଷ୍ଟ ୨୩ରେ ଜନ୍ମାଷ୍ଟମୀ ଦିନ ତୁମୁଡିବନ୍ଧ ବ୍ଲକ ଜଲେଶପଟା ଆଶ୍ରମରେ ସ୍ୱାମୀଜୀ ଓ ତାଙ୍କ ୪ ସହଯୋଗୀଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିଲେ। ସେତେବେଳେ ଏହି ଘଟଣାକୁ ନେଇ ସାରା ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡି ଯିବା ସହ ଦଙ୍ଗାରେ ବହୁ ଲୋକଙ୍କ ମୃତ୍ୟୁ ହୋଇଥିଲା। ବହୁ ଘର ପୋଡି ଦିଆଯାଇଥିଲା।




## ପୋଖରୀରେ ବୁଡ଼ି ମହିଳା ମୃତ

**କନିଷି,୨୧।୮(ଡି.ଏନ.ଏ.):** ଗୋଲନ୍ଥରା ଗ୍ରାମରେ ବୁଧବାର ପୋଖରୀରେ ବୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର କମା ସେଠୀ (୬୦)। ଅପରାହ୍ନ ପ୍ରାୟ ୨ଟାରେ କମା ବୋହୂଙ୍କ ସହ ମିଶି ଲୁଗା ସଫା କରିବାକୁ ପୋଖରୀକୁ ଯାଇଥିଲେ। ତୁଠରେ କମାଙ୍କ ଗୋଡ଼ ଖସିଯିବାରୁ ପାଣି ଭିତରକୁ ଚାଲି ଯାଇଥିଲେ। ବୋହୂ ତାଙ୍କୁ ଉଦ୍ଧାର କରିବା ସହ ଆଖପାଖ ଲୋକଙ୍କୁ ଡାକିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ଡ଼ାକ୍ତର କମାଙ୍କୁ ମୃତ ଘୋଷଣା କରିଥିଲେ।

## ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ପାଟପୁର,୨୧।୮(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଏସ୍.ଗୋପାଳପୁର କାଳୀମନ୍ଦିର ସାହିରେ ମଙ୍ଗଳବାର ରାତିରେ ଜଣେ ମହିଳାଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ସେ ହେଲେ ଏସ୍.ଗୋପାଳପୁର ଗ୍ରାମର ବାସନ୍ତୀ ପ୍ରଧାନ। ବୁଧବାର ସକାଳେ ପାଟପୁର ପୋଲିସ ଓ ସାନଖେମୁଣ୍ଡି ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଅମିତ କୁମାର ନାୟକଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିବା ଜଣାପଡିଛି। ପୂର୍ବରୁ ମୋ ଝିଅକୁ ଶାଶୁଘର ଲୋକେ ନିର୍ଯାତନା ଦେଉଥିବାବେଳେ ମଙ୍ଗଳବାର ରାତିରେ ମାରିଦେଇଛନ୍ତି ବୋଲି ବାସନ୍ତୀଙ୍କ ବାପା ବିଷ୍ଣୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ନଂ.୧୬୧/୧୯ରେ ମାମଲା ରୁଜୁ କରି ପୋଲିସ ମୃତ ବାସନ୍ତୀଙ୍କ ସ୍ୱାମୀ କୃଷ୍ଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଲାଇଛି। ଅନ୍ୟପକ୍ଷରେ ବାସନ୍ତୀ ଆତ୍ମହତ୍ୟା କରିଥିବା ସ୍ୱାମୀ ଓ ଶାଶୁଘର ଲୋକେ ପୋଲିସ ନିକଟରେ ବୟାନ ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି। ପ୍ରକାଶ ଯେ, ଆସିକା ଥାନା ସିମାଖାଇ ଗ୍ରାମର ବିଷ୍ଣୁ ପ୍ରଧାନଙ୍କ ଝିଅ ବାସନ୍ତୀ ଦେଢ ବର୍ଷ ତଳେ ପାଟପୁର ଥାନା ଏସ.ଗୋପାଳପୁର ଗ୍ରାମର କୃଷ୍ଣଙ୍କୁ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ଯୌତୁକ ସାମଗ୍ରୀ ଦିଆଯାଇଥିବାବେଳେ ଅଧିକ ଯୌତୁକ ଦାବିରେ ତାଙ୍କୁ ନିର୍ଯାତନା ଦିଆଯାଉଥିବା ତାଙ୍କ ବାପା ପୋଲିସକୁ ଜଣାଇଛନ୍ତି।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ